ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୬ ମାର୍ଚ୍ଚ, ୨୦୨୧

**୧୪ଜଣଙ୍କୁ ମିଳିଲା ଭତ୍ତା**
ବିନିକା,(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ଗ୍ରାମ ପଞ୍ଚାୟତରେ ସୋମବାର ୧୪ଜଣ ନୂତନ ହିତାଧିକାରୀଙ୍କୁ ୨ମାସର ହଜାରେ ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରାଯାଇଛି। ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ର ଓ ପିଇଓ ନିମାଇଁ ଚରଣ ନାଇକ ଭତ୍ତା ପ୍ରଦାନ ବେଳେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ପାଉଣା ପାଇନାହାନ୍ତି ମୁନ୍‌ସୀ, ଚପରାସୀ

**ଦେଓଗାଁ ୧୫।୩ (ଡି.ଏନ.ଏ):** ବଲାଙ୍ଗୀର ଜିଲା କେନ୍ଦୁପତ୍ର ବିଭାଗ ଅନ୍ତର୍ଗତ ଦେଓଗାଁ ଓ ତୁଷୁରା ରେଞ୍ଜର କାର୍ଯ୍ୟରତ ମୁନସୀ ଓ ଚପରାସିମାନେ ଗତ ୨୦୨୦ ଆର୍ଥିକ ବର୍ଷର ଗୋଟିଏ ମାସର ପାଉଣା ପାଇନାହାନ୍ତି। ଏ ନେଇ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ ହେଁ ସେମାନଙ୍କୁ ପ୍ରାପ୍ୟ ମିଳି ପାରିନି। ଏହି ପରିସ୍ଥିତିରେ ଦେଓଗାଁ ରେଞ୍ଜ ଅଧୀନସ୍ଥ ୫୨ ଓ ତୁଷୁରା ରେଞ୍ଜ ଅଧୀନରେ ଥିବା ୬୨ କେନ୍ଦୁପତ୍ର ଫଡିର ସମସ୍ତ ମୁନସୀ ଓ ଚପରାସି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧହେବୁ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଟିଟିଲାଗଡ ଡିଏଫଓ ଦେବରଞ୍ଜନ କମ୍ପଙ୍କୁ ଯୋଗାଯୋଗ କରିବାରୁ ସେମାନଙ୍କ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ଯଦି କୌଣସି ମୁନସୀ ଅବା ଚପରାସୀଙ୍କ ଦରମା ରହିଯାଇଥିବ ସେମାନେ ଆମକୁ ଲିଖିତ ଭାବେ ଜଣାଇଲେ ପଦକ୍ଷେପ ନେବୁ ବୋଲି କହିଛନ୍ତି।

### କିଶୋରୀ ଜୀବନଚକ୍ର ସ୍ୱାସ୍ଥ୍ୟ ଉପରେ କର୍ମଶାଳା

**ଲୋଇସିଂହା, ୧୫।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନୁନିଆପାଲି ଓ ଭରସୁଜା ପଞ୍ଚାୟତରେ କିଶୋରୀ ସ୍ୱାସ୍ଥ୍ୟ, ପୁଷ୍ଟି ଓ ବାଲ୍ୟ ବିବାହ ସମ୍ପର୍କିତ ଏକ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ପଲ୍ଲୀ ଆଲୋକ ପାଠାଗାର ନଅଗାଁ(ଖ) ଆନୁକୂଲ୍ୟ ଓ ସିଡବ୍ଲ୍ୟୁଏସ୍ ସହଯୋଗରେ ଅନୁଷ୍ଠିତ କର୍ମଶାଳାରେ କିଶୋରୀମାନେ ଅଂଶଗ୍ରହଣ କରିଥିଲେ। ନୁନିଆପାଲି ସରପଞ୍ଚ ସହଦେବ ସାହୁ, ଆଇସିଡିଏସ୍ ସୁପରଭାଇଜର କୁନି ଦୀପ ଅତିଥିଭାବେ ଯୋଗଦେଇଥିଲେ। ସିଡବ୍ଲ୍ୟୁଏସ୍ କର୍ମୀ ପ୍ରହଲ୍ଲାଦ ପଧାନ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିବର୍ତ୍ତିତ ସମୟରେ କିଶୋରୀମାନେ ନିଜର ଯତ୍ନ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ତାଲିମଦାତା ହୀରାଲାଲ ମିଶ୍ର କିଶୋରୀଙ୍କ ଜୀବନଚକ୍ର ପରିବର୍ତ୍ତନ ବ୍ୟବସ୍ଥା, ପୋଷକଯୁକ୍ତ ଖାଦ୍ୟ ଆହରଣ ସହ ନିୟମିତ ଲୌହବଟିକା ଖାଇବା, ମାସିକ ଧର୍ମ ବେଳେ ଯତ୍ନବାନ ହେବା ଓ ବାଲ୍ୟବିବାହକୁ ବିରୋଧ କରିବାକୁ ନାଚ, ଗୀତ ମାଧ୍ୟମରେ ସଚେତନ କରାଯାଇଥିଲା। ବାଲ୍ୟବିବାହ ରୋକିବା ପାଇଁ ସାମୂହିକ ଶପଥ ଗ୍ରହଣ କରାଯାଇଥିଲା।

### ପଲ୍ଲୀଶିକ୍ଷାର ଦରଦୀ ବନ୍ଧୁ ବ୍ରଜମୋହନ ପଣ୍ଡା

**ଅତାବିରା, ୧୫।୩(ଡି.ଏନ.ଏ)-** ବରଗଡ ଜିଲା ଅତାବିରା ବ୍ଲକ ଲରମ୍ଭା ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା କବି ବ୍ରଜମୋହନ ପଣ୍ଡାଙ୍କ ଶ୍ରାଦ୍ଧବାର୍ଷିକୀ ସୋମବାର ପାଳିତ ହୋଇଯାଇଛି। ବ୍ରଜମୋହନ ପଲ୍ଲୀଶିକ୍ଷାର ଦରଦୀ ବନ୍ଧୁ ଥିଲେ ବୋଲି ବକ୍ତାମାନେ କହିଥିଲେ। ଅଧକ୍ଷ ପ୍ରମୋଦ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ଅମୃତା ସାମନ୍ତ, କିଶୋର ଚନ୍ଦ୍ର ହୋତା, ପ୍ରମୋଦ ସେଟ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କଲେଜର ଅଧାପକ ମନୋରଞ୍ଜନ ତ୍ରିପାଠୀ, ଅଶୋକ ମାହାନ୍ତି, ଗୁରୁଦେବ କୁଶଳ, ମୁକେଶ ଧନୁକା, ବିଦ୍ୟାଭାରତୀ ପ୍ରଧାନ, ଶାନ୍ତି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଡ. ଅଜିତ କୁମାର ନାଥ, ପ୍ରଦୀପ କୁମାର ପଣ୍ଡା ସ୍ୱର୍ଗତ ପଣ୍ଡାଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ପବିତ୍ର ମୋହନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍କୁଲ କୋଠା ପାଇଁ ଶିଳାନ୍ୟାସ

**ଦେଓଗାଁ, ୧୫।୩ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ପାଣ୍ଡେଲ ସ୍କୁଲକୋଠା ନିର୍ମାଣର ଶିଳାନ୍ୟାସ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ରୀନା ମେହେର ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଜମିବିବାଦ ଯୋଗୁ ନିର୍ମାଣ ହୋଇପାରୁ ନ ଥିଲା। କାର୍ଯ୍ୟକ୍ରମରେ ସୁଦାମ ପଧାନ, ସମିତି ସଭ୍ୟ ତଥା ପୂର୍ବତନ ବ୍ଲକ ଅଧକ୍ଷ ଦିଲୀପ କୁମାର ମହାନ୍ତି, ସରପଞ୍ଚ ତନୁଜା ସାହୁ, ୱାର୍ଡସଭ୍ୟ କଳାକାହ୍ନୁ ସା, ବ୍ୟାସଦେବ ଭୋଇ, ଧ୍ରୁବ ଚରଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଲଣ୍ଡାପଥର ପର୍ଶୁରାମ ହାଇସ୍କୁଲ କୋଠା ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ବାଦ୍ ପଡ଼ିଲାନି ଠାକୁରାଣୀଙ୍କ ଜମି

**ସମଲେଶ୍ୱରୀ ଜମି ହଡ଼ପ୍**
- ବରଗଡ଼ରେ ମାତିଛନ୍ତି ଜମି ମାଫିଆ
- ଜମି ବିକ୍ରି ଉଦ୍ୟମ ବେଳେ ଧରାପଡ଼ିଲା
- ଜାଲିଆତି ନେଇ ପିଟିଶନ ଦାଖଲ ହେଲା
- କାର୍ଯ୍ୟାନୁଷ୍ଠାନ ସୂଚନା ଦେଲେ ଉପଜିଲାପାଳ

**ବରଗଡ଼ ଅଫିସ୍, ୧୫।୩**


ସମଲେଶ୍ୱରୀଙ୍କ ଜମି ଜାଲିଆତି ନେଇ ପିଟିଶନ ଦାଖଲ କରାଯାଉଛି।

ବରଗଡ଼ ଜିଲାରେ ଜମି ମାଫିଆମାନେ ସକ୍ରିୟ ହୋଇପଡ଼ିଛନ୍ତି। ସେମାନେ ବିଭାଗୀୟ ଅଧିକାରୀଙ୍କୁ ମୋଟାଅଙ୍କର ହାତଗୁଞ୍ଜା ଦେଇ କେତେବେଳେ ଏସ୍‌ସି ଏସ୍‌ଟି ବର୍ଗର ଲୋକଙ୍କ ଜମିକୁ ହାତେଇ ନେଉଛନ୍ତି ତ ଆଉ କେବେ ସରକାରୀ ଜମିକୁ ରୟତ ଦର୍ଶାଇ ବିକ୍ରି କରୁଛନ୍ତି। ଏପରିକି ଅଞ୍ଚଳର ଗ୍ରାମଦେବୀ, ଅଧିଷ୍ଠାତ୍ରୀ ଦେବୀ, ମହାପ୍ରଭୁଙ୍କ ଜମିକୁ ମଧ୍ୟ ହଡ଼ପ କରିବା ଭଳି ଅଭିଯୋଗ ହୋଇଛି। ଏଭଳି ଭାବେ ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କ ଜମିକୁ ହଡ଼ପ୍ କରି ଅନ୍ୟତ୍ର ବିକ୍ରି ଉଦ୍ୟମ ଭଳି ଏକ ଗୁରୁତର ଅଭିଯୋଗ ଆସିଛି। ସୋମବାର ଏ ନେଇ ସମଲେଶ୍ୱରୀଙ୍କ ଭକ୍ତ ତଥା ବରଗଡ଼ ସହରର ୨୧ଜଣ ସଚେତନ ନାଗରିକ ବରଗଡ଼ ଉପଜିଲାପାଳଙ୍କ ଅଦାଲତରେ ପିଟିଶନ ଦାଏର କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଶୁଭେନ୍ଦୁ କୁମାର ସାମଲଙ୍କୁ ପଚାରିବାରୁ ପିଟିଶନ ହସ୍ତଗତ ହୋଇଛି ଏବଂ ତାକୁ ବିଚାରକୁ ନେଇ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀଙ୍କ ଭୂ ସମ୍ପତ୍ତି ଶ୍ରୀ ଶ୍ରୀ ଗ୍ରାମଦେବୀ ବିଜେ ନିଜ ଗାଁ ନାମରେ ରେକର୍ଡ଼ଭୁକ୍ତ ହୋଇ ରହିଛି। ଦେବୀଙ୍କ ନାମରେ ୨୧ଏକର ୪୮ ଡେସିମିଲ ଜମି ରେକର୍ଡ଼ଭୁକ୍ତ ରହିଥିବା ସମଲେଶ୍ୱରୀ ସଂଘର ସଭାପତି ସମୀର ପ୍ରଧାନ କହିଛନ୍ତି। ତେବେ ଉକ୍ତ ଜମିରୁ ଏବେ କେବଳ ୬ଏକର ୬୮ ଡେସିମିଲ ଜମି ଦେବୀଙ୍କ ନାମରେ ରହିଛି। କେତେକ ଲୋକ ଜାଲିଆତି କରି ଅବଶିଷ୍ଟ ଜମିକୁ ସେମାନଙ୍କ ନାମରେ ରେକର୍ଡ଼ଭୁକ୍ତ କରିଥିବା ଜଣାପଡ଼ିଛି। ଖାତା ନଂ-୨୫୨୫ରୁ ଅନ୍ୟ ଜଣେ ହାତେଇଥିବା ଦେବୀଙ୍କ ୧ଏକର ୨୦ଡେସିମିଲ ଜମି ବିକ୍ରି ସମ୍ପର୍କରେ ମାସକ ମଧ୍ୟରେ ଆପତ୍ତି, ଅଭିଯୋଗ ଦାଖଲ ପାଇଁ ଫେବୃୟାରୀ ୨୪ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ଲୋକଲୋଚନକୁ ଆସି ପାରି ନ ଥିଲା। ସ୍ଥାନୀୟ ଲୋକେ ଗତ ୧୨ତାରିଖରେ ଉକ୍ତ ବିଜ୍ଞପ୍ତିକୁ ସ୍ଥାନୀୟ ପୌର କାର୍ଯ୍ୟାଳୟରେ ଦେଖିବା ପରେ ଏହାର ଖୋଳତାଡ଼ ଆରମ୍ଭ ହୋଇଥିଲା।

ଏହାପରେ ସମ୍ପୃକ୍ତ ଜମି ଶ୍ରୀ ଶ୍ରୀ ଗ୍ରାମଦେବୀ ବିଜେ ନିଜ ଗାଁ ନାମରେ ରେକର୍ଡ଼ଭୁକ୍ତ ରହିଥିବା ଏବଂ ପରବର୍ତ୍ତୀ ସମୟରେ ଜାଲିଆତି କରି ଅନ୍ୟ ନାମରେ ରେକର୍ଡ଼ଭୁକ୍ତ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଦେବୀଙ୍କ ମନ୍ଦିର ପୂଜକ(ଝାଙ୍କର) ଭାବେ କେବେ ମଧ୍ୟ କୌଣସି ମହିଳା ରହି ନ ଥିବାବେଳେ ସେଥିରେ ଜଣେ ମହିଳାଙ୍କ ନାମ ଉଲ୍ଲେଖ ରହିଥିବାରୁ ଦେବୀଙ୍କ ଜମି ଜାଲିଆତି ପଦାକୁ ଆସିଥିଲା। ଅନ୍ୟପଟେ ଦେବୀଙ୍କ ଉକ୍ତ ଜମି ତାଙ୍କ ବିନାନୁମତିରେ ବେଆଇନ ଭାବେ ଅନ୍ୟ ନାମରେ ରେକର୍ଡ଼ଭୁକ୍ତ ହୋଇ ସାରିଛି। ଫଳରେ ତାହା ଦେବୀଙ୍କ ନାମରେ ପୁନଃ ରେକର୍ଡ଼ଭୁକ୍ତ କରିବାକୁ ୨୦୧୯ ଡିସେମ୍ବରରେ ସମ୍ବଲପୁର ଅତିରିକ୍ତ ଦେବୋତ୍ତର କମିଶନର ଏକ ଚିଠି ଲେଖି ବରଗଡ଼ ତହସିଲଦାରଙ୍କୁ ଜଣାଇଥିଲେ। ଅନୁରୂପ ଭାବେ ଆଇନ ଅନୁଯାୟୀ ଦେବୀଙ୍କ ଜମିକୁ ଅନ୍ୟ କେହି ବିକ୍ରି କରି ପାରିବ ନାହିଁ ବୋଲି ଅତିରିକ୍ତ ଦେବୋତ୍ତର କମିଶନର ବରଗଡ଼ ଟାଉନ ଥାନା ଆଇଆଇସିଙ୍କୁ ସେତେବେଳେ ଜଣାଇଥିଲେ। ଏହାସତ୍ତ୍ୱେ ଦେବୀଙ୍କ ଉକ୍ତ ଜମିକୁ ବିକ୍ରି ଉଦ୍ୟମ ଏବଂ ଏଥିରେ ବିଭାଗୀୟ ଅଧିକାରୀଙ୍କ ନିରବତା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

## ଭତ୍ତା ନେବାକୁ ଆସି ହିତାଧିକାରୀ ହଟହଟା

**ବିନିକା, ୧୫।୩(ଡି.ଏନ୍.ଏ.)**

ବିନିକା ବ୍ଲକ ମହାଦେବପାଲି ପଞ୍ଚାୟତ ଅଫିସକୁ ଭତ୍ତା ଟଙ୍କା ନେବାକୁ ଆସି ହିତାଧିକାରୀମାନେ ହଟହଟାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି। ସୋମବାର ସକାଳ ୮ଟାରେ ଭତ୍ତା ନେବାକୁ ବୃଦ୍ଧା, ବୃଦ୍ଧ, ବିଧବା ଓ ଅସହାୟ ହିତାଧିକାରୀଙ୍କ ପଞ୍ଚାୟତ ଅଫିସ ସମ୍ମୁଖରେ ଲାଇନ୍ ଲଗାଇଥିଲେ। ଭତ୍ତା ପ୍ରଦାନ ବିଳମ୍ବରେ ଆରମ୍ଭ ହେବା ଫଳରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଟାଣଖରାରେ ସେମାନଙ୍କୁ ଅପେକ୍ଷା କରବାକୁ ପଡିଥିଲା। ଖରାରୁ ସେମାନଙ୍କୁ ରକ୍ଷା କରିବା ପାଇଁ ପଞ୍ଚାୟତ ପକ୍ଷରୁ କୌଣସି ବ୍ୟବସ୍ଥା ନ ଥିଲା। ଏପରିକି ସେମାନଙ୍କୁ ପିଇବା ପାଣି ଉପଲବ୍ଧ କରାଯାଇ ନ ଥିଲା। ବ୍ଲକ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଘରୋଇକରଣକୁ ବିରୋଧ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବନ୍ଦ



ସୋନପୁର ଏସବିଆଇର ମୁଖ୍ୟ ଶାଖା ସମ୍ମୁଖରେ କର୍ମଚାରୀମାନେ ବିକ୍ଷୋଭ କରୁଛନ୍ତି।

**ସୋନପୁର (ନି.ପ୍ର.)/ବଲାଙ୍ଗୀର ଅଫିସ, ୧୫।୩**

ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଘରୋଇକରଣକୁ ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ୍ସ(ୟୁଏଫବିୟୁ) ପକ୍ଷରୁ ବିରୋଧ କରି ସୋମବାର ସୁବର୍ଣ୍ଣପୁର ଜିଲାର କର୍ମଚାରୀମାନେ ଧର୍ମଘଟରେ ସାମିଲ ହୋଇଛନ୍ତି। ଜିଲାର ୧୨ଟି ବ୍ୟାଙ୍କର ୩୦ରୁ ଉର୍ଦ୍ଧ୍ୱ ଶାଖାରେ ବ୍ୟାଙ୍କ ସେବା ବାଧାପ୍ରାପ୍ତ ହୋଇଛି। ୫ଶହରୁ ଉର୍ଦ୍ଧ୍ୱ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏଥିଯୋଗୁଁ ଗ୍ରାହକମାନେ ଉଠାଣ, ଜମା, ଚେକ୍ କ୍ଲିୟରାନ୍ସ ଭଳି କାର୍ଯ୍ୟ କରି ପାରିନାହାନ୍ତି। ସୋନପୁରରେ ବ୍ୟାଙ୍କ ୟୁନିୟନ ନେତା ସଞ୍ଜୟ କୁମାର ମିଶ୍ର, ବଳଦେବ ମହାପାତ୍ର, ସୂର୍ଯ୍ୟନାରାୟଣ ସରାଫ୍ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିପରି ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ୟୁଏଫ୍‌ବିୟୁ ବଲାଙ୍ଗୀର ଜିଲା କମିଟି ଆବାହକ ରୋହିତ କୁମାର ଶତପଥୀ ଓ ଯୁଗ୍ମ ଆବାହକ ରୂପେଶ ଦଲାଇଙ୍କ ନେତୃତ୍ୱରେ କର୍ମଚାରୀମାନେ ଧୀର୍ଘ ସମୟ ଧରି ନାରାବାଜି କରିଥିଲେ। ଧର୍ମଘଟରେ ସଭାପତି ଅରୁଣ କୁମାର ପଣ୍ଡା, ସମ୍ପାଦକ ଗୋବର୍ଦ୍ଧନ ଦାଶ, ସୌରଭ କୁମାର ମେହେର, ସରୋଜ କୁମାର ନାୟକ, ସୁଚିସ୍ମିତା ନାଏକ, ସୁଶାନ୍ତ ପ୍ରଧାନ, ଅଶ୍ୱିନୀ ଦାଶ, ତପନ କୁମାର ବହିଦାର, ପ୍ରକାଶ ପ୍ରଧାନ, ସୁଶାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ଧାରଣା

**ରକ୍ତ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ ଦାବି**

**ବରଗଡ଼ ଅଫିସ୍, ୧୫।୩**


ରକ୍ତ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ ଦାବିରେ ବରଗଡ଼ ଜିଲାପାଳ ଅଫିସ ଆଗରେ ଧାରଣା।

ବରଗଡ଼ ସହରାଞ୍ଚଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ରକ୍ତଭଣ୍ଡାର ପରିସରରେ ରହିଥିବା ରକ୍ତ ପୃଥକୀକରଣ ୟୁନିଟ୍‌କୁ କାର୍ଯ୍ୟକ୍ଷମ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ କାର୍ଯ୍ୟକ୍ଷମ କରିବା ଦାବିରେ ସୋମବାର ନିଷ୍ଠା ଅନୁଷ୍ଠାନ ପକ୍ଷରୁ ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦିଆଯାଇଥିଲା। ଜିଲାରେ କେତେକ ନିର୍ଦ୍ଦିଷ୍ଟ ଅନୁଷ୍ଠାନ ରକ୍ତ ପୃଥକୀକରଣ ୟୁନିଟ୍ କର୍ତ୍ତୃପକ୍ଷଙ୍କ ମିଳିଭଗତ୍‌ରେ ରକ୍ତ ସଂଗ୍ରହ ଆଳରେ ଚାଲିଥିବା ବେପାର ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଦାବି ମଧ୍ୟ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ର ଧାରଣାସ୍ଥଳକୁ ପହଞ୍ଚି ଆସନ୍ତା ଦୁଇମାସ ମଧ୍ୟରେ ରକ୍ତ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ନିଷ୍ଠାର ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଅଶ୍ୱିନୀ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ଧାରଣା ଅନୁଷ୍ଠିତ ହୋଇଥିଲା।

## କେନାଲରେ ବୁଡ଼ି ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

**ବରପାଲି, ୧୫।୩ (ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ବଜାରପଡାର ଦିବ୍ୟାଙ୍ଗ ଯୁବକ ଗୋପାଳ କୁଅଁର (୨୫) ରବିବାର ସକାଳେ କେନାଲକୁ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ସେ ପିନ୍ଧିଥିବା ପ୍ୟାଣ୍ଟ, ସାର୍ଟ, ମୋବାଇଲ ଓ ୨୦୦ ଟଙ୍କା ଘାଟରେ ପଡିଥିଲା। ସେ ବୁଡି ଯାଇଥିବା ସନ୍ଦେହ କରି ପରିବାର ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବା ସହ ନିକଟସ୍ଥ ଥାନାରେ ଅଭିଯୋଗ କରିଥିଲେ। ପରେ ଅଗ୍ନିଶମ କର୍ମଚାରୀ ଓ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ପାଇ ନ ଥିଲେ। ସୋମବାର ସକାଳେ ପୁଣି ଅଗ୍ନିଶମ କର୍ମଚାରୀ କେନାଲକୁ ଯାଇ ଖୋଜିଥିଲେ। ମଧାହ୍ନ ୧୨ଟାରେ କେନାଲର ତଳିମୁଣ୍ଡରେ ଗୋପାଳଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି।

## ୩୨ ଆଇଟିଆଇ ଛାତ୍ରଙ୍କୁ ନିଯୁକ୍ତି

**ବୌଦ୍ଧ, ୧୫।୩(ସ୍ୱ.ପ୍ର)**

ବୌଦ୍ଧ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ପରିସରରେ ଗୁଜୁରାଟର ସୁଜୁକି ମୋଟର ପକ୍ଷରୁ କ୍ୟାମ୍ପସ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ, ସୋନପୁର ଓ କନ୍ଧମାଳ ଜିଲାର ଶିଳ୍ପ ତାଲିମ ପ୍ରତିଷ୍ଠାନର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ବୌଦ୍ଧ ଆଇଟିଆଇର ୧୯, ସୋନପୁରର ୧୨ ଏବଂ ଫୁଲବାଣୀ ଆଇଟିଆଇର ଜଣେ ଛାତ୍ର କ୍ୟାମ୍ପସ ଚୟନ ଜରିଆରେ ନିଯୁକ୍ତି ପାଇଛନ୍ତି। ଚୟନ ହୋଇଥିବା ୩୨ ଜଣ ଛାତ୍ର ଅପ୍ରେଲ ୧ ତାରିଖରେ ନିଯୁକ୍ତି ପାଇଥିବା ସ୍ଥାନରେ ଯୋଗ ଦେବ ବୋଲି ଜଣାପଡିଛି।

## ବଲାଙ୍ଗୀରରେ ଲାଇଫ୍ ଲାଇନ୍ ଏକ୍ସପ୍ରେସ୍


ଜିଲାପାଳ ଚଞ୍ଚଳ ରାଣା ଲାଇଫ୍ ଲାଇନ୍ ଏକ୍ସପ୍ରେସ୍‌କୁ ଉଦ୍‌ଘାଟନ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୧୫।୩**

ବଲାଙ୍ଗୀର ରେଳଷ୍ଟେଶନ୍‌ରେ ପହଞ୍ଚିଥିବା ହସ୍ପିଟାଲ ଟ୍ରେନ୍ ଇମ୍ପେକ୍ଟ ଇଣ୍ଡିଆ ଲାଇଫ୍ ଲାଇନ୍ ଏକ୍ସପ୍ରେସ୍ ସୋମବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଛି। ଜିଲାପାଳ ଚଞ୍ଚଳ ରାଣା ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା ଭୀମ ସାହୁ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଲାଇଫ୍‌ଲାଇନ୍ ଟ୍ରେନ୍‌ର ସିନିଅର ଅପରେଟିଂ ଅଫିସର ଚନ୍ଦ୍ରକାନ୍ତ ଦେଶପାଣ୍ଡେ ପରିଚାଳନା କରିଥିଲେ। ସମଗ୍ର ଦେଶର ୨୧୨ତମ ପ୍ରକଳ୍ପ ଭାବେ ସୋମବାରଠାରୁ ବଲାଙ୍ଗୀରରେ ଏହି ଲାଇଫ୍ ଲାଇନ୍ ଏକ୍ସପ୍ରେସ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି। ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ। ଜିଲାପାଳ ରାଣା କହିଥିଲେ ଯେ, ଏହି ଲାଇଫ୍ ଲାଇନ୍ ଏକ୍ସପ୍ରେସ୍ ଦ୍ୱାରା ବଲାଙ୍ଗୀର ଜିଲାର ଜନସାଧାରଣ ଉପକୃତ ହେବେ। ଅଭିଜ୍ଞ ଡାକ୍ତରମାନେ ବିଭିନ୍ନ ରୋଗର ନିଦାନ ଓ ନିରାକରଣ କରିବା ସହ ଅସ୍ତ୍ରୋପଚାର କରିବେ। ସମ୍ପୂର୍ଣ୍ଣ ମାଗଣାରେ ଜନସାଧାରଣଙ୍କୁ ଚିକିତ୍ସାସେବା ଯୋଗାଇ ଦିଆଯିବ। ଏଠାରେ ମୋତିଆ ବିନ୍ଦୁ, ଆଖିର ପାୱାର ଯାଞ୍ଚ, କାନ ପରଦାର ଚିକିତ୍ସା, ଶ୍ରବଣ ଶକ୍ତି ପରୀକ୍ଷା, ଗ୍ରହଣ ଖଣ୍ଡିଆ, ପୋଷ୍ଟବର୍ନ କଣ୍ଟ୍ରାକ୍ଟର, ଅସ୍ତିଶଲ୍ୟ ସର୍ଜରୀ, ଦାନ୍ତ ସଦସ୍ୟା ଚିକିତ୍ସା ଓ ଅପରେସନ୍ କରାଯିବ। ଏହା ସହିତ ମୁଖ ଗହ୍ୱର, ସ୍ତନ ଓ ଜରାୟୁ କର୍କଟ, ରକ୍ତଚାପ ମଧୁମେହ, ମାର୍କି ପ୍ରଭୃତି ରୋଗ ଚିକିତ୍ସା କରାଯିବ। ସୋମବାରଠାରୁ ରୋଗୀମାନେ ସେମାନଙ୍କ ପଞ୍ଜୀକରଣ କରିବା ଆରମ୍ଭ କରିଛନ୍ତି। ଏହି ଏକ୍ସପ୍ରେସ୍‌ରେ ୧୮ ଅଭିଜ୍ଞ ଡାକ୍ତର ଓ ୨୦ ପାରା ମେଡିକାଲ ଷ୍ଟାଫ୍ ରହିଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ ସହଯୋଗ ଯୋଗାଇ ଦିଆଯାଇଛି। ଯେଉଁ ରୋଗୀଙ୍କ ଅସ୍ତ୍ରୋପଚାର କରାଯିବ ସେମାନଙ୍କ ରହିବା ପାଇଁ କିସ୍ କ୍ୟାମ୍ପସରେ ବ୍ୟବସ୍ଥା କରାଯାଇଛି। ରୋଗୀଙ୍କୁ ନେବା ଆଣିବା ଓ ରହିବା ବ୍ୟବସ୍ଥା କରାଯାଇଥିବା ସମ୍ପର୍କରେ ଜିଲାପାଳ ରାଣା ସୂଚନା ଦେଇଥିଲେ। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସହକାରୀ ଅଧୀକ୍ଷକ ଡା ପ୍ରଭାତ କୁମାର ରଥ, ଚକ୍ଷୁ ବିଶେଷଜ୍ଞ ଡା ଉଷା ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ଦୁର୍ଗମ ଅଞ୍ଚଳରେ ମଶାରି ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ

**ଜୁନାଗଡ, ୧୫।୩ (ଡି.ଏନ.ଏ.)**



ମଶାରି ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁର୍ଗମ ଅଞ୍ଚଳ କୁହାଯାଉଥିବା ବୁଡିଦର ପଞ୍ଚାୟତରେ ସୋମବାର ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜରିଆରେ ଦିର୍ଘସ୍ଥାୟୀ କିଟନାଶକ ଉପଚାରିତ ମଶାରି ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଜୁନାଗଡ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା ଅଧକ୍ଷତା କରିଥିଲେ। ଅତିଥି ଭାବେ ଜୁନାଗଡ ବ୍ଲକ ଅଧକ୍ଷା ନୂର୍ଯ୍ୟ ମାଝି, ଜିଲା ପରିଷଦ ଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ, ଜୁନାଗଡ ଥାନାଧିକାରୀ ଉତ୍ତମ କୁମାର ସାହୁ, ଭବାନୀପାଟଣା ପୂର୍ବତନ ପୌରାଧକ୍ଷ ଆଦିତ୍ୟ ପ୍ରସାଦ ନନ୍ଦ, ଶକ୍ତିମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବଗର୍ତ୍ତୀ, ସ୍ଥାନୀୟ ସରପଞ୍ଚ ମୁଖ୍ୟରାମ ନାଏକ, ମହିଚଲା ସରପଞ୍ଚ ଅଜୟ ବେହେରା, ଜୁନାଗଡ ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ଗୋଷ୍ଠୀ କାର୍ଯ୍ୟକ୍ରମ ପ୍ରବନ୍ଧକ ସୁମେଶ୍ୱର ନାଏକ, ସୁପର ଭାଇଜର ଜଳନ୍ଧର ମେହେର ପ୍ରମୁଖ ଯୋଗଦେଇଥିଲେ। ଲୋକମାନେ କିଭଳି ଏକ ସୁସ୍ଥ ଜୀବନ ବଞ୍ଚିପାରିବେ ଓ ବିଶେଷ କରି ଗ୍ରାମାଞ୍ଚଳରେ ମଶା ଦାଉରୁ କିପରି ରକ୍ଷା ପାଇ ପାରିବେ ସେଥିପାଇଁ ସମସ୍ତେ ମଶାରି ବ୍ୟବହାର କରିବା ଜରୁରି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପଣ୍ଡା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଭିବିଡିଟିଏସ୍ ପ୍ରିୟ ରଞ୍ଜନ ମୁଣ୍ଡ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୧ ଲକ୍ଷ ୨୫ ହଜାର ମଶାରି ବଣ୍ଟନ କରିବା ଲକ୍ଷ୍ୟ ରଖାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମରେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ବହୁ ହିତାଧିକାରୀ ଉପସ୍ଥିତ ଥିଲେ।

## ଠେଙ୍ଗା ମାଡ଼ରେ ଯୁବକ ମୃତ

**ଅତାବିରା, ୧୫।୩ (ଡି.ଏନ.ଏ):** ଅତାବିରା ଥାନା ଡଡଙ୍ଗାପାଲି ଗ୍ରାମରେ ଠେଙ୍ଗା ମାଡ଼ରେ ଦିବ୍ୟାଂଶୁ ବରିହା (୨୩)ଙ୍କ ମୃତ୍ୟୁ ଘଟିଛି। ଗତ ଶନିବାର ଡଡଙ୍ଗାପାଲିରେ ନିଶା କାରବାରକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗାଁର ଜଣେ ଯୁବକ ଦିବ୍ୟାଂଶୁଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଭିମ୍‌ସାରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଦିବ୍ୟାଂଶୁଙ୍କ ମୃତ୍ୟୁ ଘଟିଛି। ବୁର୍ଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଅତାବିରା ଥାନାରେ ଏକ ହତ୍ୟା ମାମଲା (ନଂ.୭୦/୨୧) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ପୁରୁଷୋତ୍ତମ ଭୋଇ କହିଛନ୍ତି।

## ଜଙ୍ଗଲ ନିଆଁ, ବାହାରିଲା ସଚେତନତା ରଥ

**ଖପ୍ରାଖୋଲ, ୧୫।୩(ଡି.ଏନ.ଏ):** ଖପ୍ରାଖୋଲ ବ୍ଲକ ହରିଶଙ୍କର ବନାଞ୍ଚଳ ତରଫରୁ ଜଙ୍ଗଲ ନିଆଁ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ ଆୟତନକୁ ଦେଖି ଆବଶ୍ୟକଠାରୁ କମ୍ କର୍ମଚାରୀ, ନିଆଁଲିଭା ସ୍କ୍ୱାଡ ଥିବାରୁ ନିଆଁ ଆୟତ ପାଇଁ ସମସ୍ୟା ହେଉଛି। ବିଭାଗ ତରଫରୁ ଗାଁ ଗାଁ ବୁଲି ସଚେତନତା ରଥ ମାଧ୍ୟମରେ ନିଆଁରୁ କିଭଳି ଜଙ୍ଗଲ ସୁରକ୍ଷା ପାଇ ପାରିବ ସେ ନେଇ ଲୋକେ ସଚେତନ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା ସଚେତନତା ରଥକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବନପାଳ ପିଙ୍କୁ ଭୋଇ, ସୁନ୍ଦର କାଲସାଏ, ଡୋଳାମଣି ସାହୁ, ଡିଲେଶ୍ୱର ହୋତା, ପ୍ରିୟବ୍ରତ ମହାକୁଡ, ମିଥୁନ ମିର୍ଦ୍ଧା, ପଦ୍ମା ମୁଣ୍ଡା, ମହେନ୍ଦ୍ର କାଲସାଏ, ଭିଏସଏସ୍ ସଭାପତି ଏବଂ ନିଆଁଲିଭା ସ୍କ୍ୱାଡ ସାମିଲ ହୋଇଥିଲେ।

# ଜଳୁଛି ରେଣୁପାଲ ସଂରକ୍ଷିତ ଜଙ୍ଗଲ

**୩ ଦିନ ପରେ ବି ଆୟତ୍ତ କରିପାରୁନି ବନ ବିଭାଗ**

**ଉଲୁଣ୍ଡା ରେଞ୍ଜ**
- ନିଆଁ ଲିଭାରେ ସ୍ଥାନୀୟ ଲୋକେ ସାମିଲ
- ବନ୍ୟଜନ୍ତୁ ଜନବସତି ମୁହାଁ, ଲୋକେ ଆତଙ୍କିତ

**ଅମରପାଲି, ୧୫।୩ (ଡି.ଏନ.ଏ.)**


ନିଆଁ ଲାଗି ରେଣୁପାଲ ସଂରକ୍ଷିତ ଜଙ୍ଗଲ ଜଳୁଛି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ରେଞ୍ଜ ଅନ୍ତର୍ଗତ କୋଟସମଲାଇ ପଞ୍ଚାୟତର ରେଣୁପାଲ ସଂରକ୍ଷିତ ଜଙ୍ଗଲରେ ଲାଗିଛି ନିଆଁ। ଗତ ୩ଦିନ ହେଲା ନିଆଁ ଲାଗିଥିବା ବେଳେ ବନ ବିଭାଗ ଆୟତ୍ତ କରି ପାରୁନାହିଁ। ନିଆଁରେ ହଜାର ହଜାର ଗଛ ଜଳିଯାଉଛି। ଏଥିସହିତ ଉକ୍ତ ଜଙ୍ଗଲରେ ବାସ କରୁଥିବା ଅନେକ ପଶୁପକ୍ଷୀ ନିଆଁରେ ପୋଡ଼ିଯାଉଥିବା ଦେଖିବାକୁ ମିଳୁଛି। ଜଙ୍ଗଲ ପାଖରେ ଠେଙ୍ଗୋ ଡ୍ୟାମ ଥିବାରୁ ଏଠାରେ ହାତୀ, ବାଘ୍, ହରିଣ, ଠେକୁଆ ଭଳି ବନ୍ୟଜନ୍ତୁ ବହୁତ ସଂଖ୍ୟାରେ ରହିଥାନ୍ତି। ଏବେ ନିଆଁ ଯୋଗୁ ବନ୍ୟଜନ୍ତୁ ବିଶେଷ କରି ହାତୀ ଗାଁ ମୁହାଁ ହେଉଛନ୍ତି। ଫଳରେ ଜଙ୍ଗଲକୁ ଲାଗି ରହିଥିବା ଗାଁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ହାତୀ ଯୋଗୁ ସଞ୍ଜ ନଇଁଲେ ଲୋକେ ଘରୁ ବାହାରୁ ନାହାନ୍ତି। ଜଙ୍ଗଲରୁ ଗାଁ ଆଡ଼କୁ ନିଆଁ ମାଡି ଆସୁଥିବାରୁ ଗିଝେଇଦାଦର ଗ୍ରାମବାସୀ ନିଆଁ ଲିଭାଉଛନ୍ତି। ମାତ୍ର ଏତେ ମାତ୍ରାରେ ନିଆଁ ଲାଗିଛି ଯେ, ଗ୍ରାମବାସୀ ଆୟତ୍ତ କରିବା ସମ୍ଭବ ହେଉନାହିଁ। ବନ ବିଭାଗ ନିଆଁ ନ ଲଗାଇବାକୁ ସଚେତନ କରୁଥିଲେ ମଧ କାମରେ ଲାଗୁନାହିଁ। ଏପରିକି ଜଙ୍ଗଲକୁ ଲାଗିଥିବା ଗ୍ରାମଗୁଡ଼ିକରେ ଲୋକଙ୍କୁ ସଚେତନ ନ କରି ବନବିଭାଗ କେବଳ କାଗଜ କଲମରେ ସଚେତନ କରୁଥିବା ଦେଖିବାକୁ ମିଳିଛି। ମହୁଲ, କେନ୍ଦୁପତ୍ର ସଂଗ୍ରହ ସାଙ୍ଗକୁ ବନ୍ୟଜନ୍ତୁ ଶିକାର ପାଇଁ ମଧ ଜଙ୍ଗଲରେ ନିଆଁ ଲଗାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ଉଲୁଣ୍ଡା ରେଞ୍ଜ ଅଧିକାରୀ ଶିବ ପ୍ରସାଦ ନାଏକଙ୍କୁ ପଚାରିବାରୁ ବନବିଭାଗ ପକ୍ଷରୁ ବିଭିନ୍ନ ସ୍କ୍ୱାଡ୍ ଗଠନ କରାଯାଇ ନିଆଁ ଲିଭାଯାଉଛି। ଖବର ପାଇଲା ମାତ୍ରେ ବିଭାଗ ପକ୍ଷରୁ ନିଆଁ ଲିଭାଇବାକୁ ଚେଷ୍ଟା କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

**କୋଇଲା ବୋଝେଇ ବାଇକ୍ ଜବତ, ୯ ଗିରଫ**

ଝାରସୁଗୁଡା ଅଫିସ୍,- ଝାରସୁଗୁଡା ଜିଲା ବଡମାଲ ଥାନା ପୋଲିସ୍ ତରଫରୁ ସୋମବାର ବିଜୁ ପଟ୍ଟନାୟକ ଛକରେ ଏମ୍‌ବି ଚେକିଂ ଚାଲିଥିଲା। ଏହି ସମୟରେ ବେଆଇନ ଭାବେ ଚାଲାଣ ହେଉଥିବା କୋଇଲା ବୋଝେଇ ୯ ବାଇକ୍‌କୁ ପୋଲିସ୍ ଧରିଥିଲା। ଏଥିରେ ସମ୍ପୃକ୍ତ ୯ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ୫୬/୨୧ରେ ଏକ ମାମଲା ରୁଜୁ ହୋଇଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ସମ୍ବଲପୁରୀ ନାଟକର ଆଦ୍ୟ ଅଧୁନା ଆଉ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର, ଝାଡୁଆପଡା ବଡଦୁଆର, ପୂର୍ବାହ୍ନ ୯ଟା।
- ବ୍ୟାଙ୍କ ଘରୋଇକରଣ ବିରୋଧରେ ବିକ୍ଷୋଭ, ବୁଢ଼ାରଜା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଆଞ୍ଚଳିକ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଫାଟକ ଷ୍ଟେଶନ ବନ୍ଦ ହେବା ବିରୋଧରେ ବିକ୍ଷୋଭ, ଡିଆର୍‌ଏମ୍ ଅଫିସ ସମ୍ମୁଖ, ପୂର୍ବାହ୍ନ ସାଢ଼େ ୧୦ଟା।
- ହୀରାଖଣ୍ଡ ନାଟ୍ୟ ମହୋତ୍ସବ ଉଦ୍‌ଯାପନ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା।

## ସଂକ୍ଷେପରେ

### ଜବତ ଜେସିବି ଛାଡ଼ିଦେଲେ

**ବନ ବିଭାଗର ଖାମଖିଆଲ ନୀତି**

ସମ୍ବଲପୁର, ୧୫।୩ (ବ୍ୟୁରୋ)- ସମ୍ବଲପୁର ସଦର ରେଞ୍ଜ ମୁଣ୍ଡେର ସଂରକ୍ଷିତ ଜଙ୍ଗଲରେ ରାସ୍ତା ନିର୍ମାଣରେ ନିୟୋଜିତ ଥିବା ଏକ ଜେସିବିକୁ ବନ ବିଭାଗ ରବିବାର ସନ୍ଧ୍ୟାରେ ଜବତ କରିଥିଲା। କିନ୍ତୁ ସୋମବାର ଏହାକୁ ଛାଡିଦିଆଯାଇଥିବାରୁ ବନ ବିଭାଗର ଖାମଖିଆଲ ନୀତି ପଦାରେ ପଡିଛି। ସୂଚନା ଅନୁସାରେ ରବିବାର ସ୍ଥାନୀୟ ଫରେଷ୍ଟର ଜଙ୍ଗଲରେ ଜେସିବି କାମ କରୁଥିବା ଖବର ପାଇ ଚଢ଼ାଉ କରିଥିଲେ। ଜିପିଏସ୍ ରିଡିଂରେ ସେ ସଂରକ୍ଷିତ ଜଙ୍ଗଲରେ କାମ କରୁଥିବା ଜାଣିବାକୁ ପାଇଥିଲେ। ଉଚ୍ଚପଦସ୍ତ ଅଧିକାରୀଙ୍କ ସହ କଥା ହୋଇ ଉକ୍ତ ଜେସିବିକୁ ଜବତ କରାଯାଇଥିଲା। ସୋମବାର ସକାଳେ ପୁଣି ବନ ବିଭାଗ ମାପଚୁପ କରିଥିଲା। ସରକାରୀ ନକ୍ସାରେ ଏହା ରାସ୍ତା ଥିବା ସଦର ରେଞ୍ଜର ଅକ୍ଷୟ ମହାରଣା କହିଥିଲେ। ସେ ଆହୁରି କହିଥିଲେ ଯେ, ସଂରକ୍ଷିତ ଜଙ୍ଗଲର ସୀମା ପାଖରୁ ରାସ୍ତା କାମ ହୋଇଛି। ତେଣୁ ବନ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ। ଏହାସହ ପୂର୍ବରୁ ଉକ୍ତ ସ୍ଥାନରେ ଖୋଳାଯାଇଥିବା ଟ୍ରେଞ୍ଚ ଓ ୱାଲ୍ କାମ ବିଷୟରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ଉକ୍ତ ସ୍ଥାନରେ ବନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ବନ୍ୟପ୍ରାଣୀ ସୁରକ୍ଷା ଓ ଜଳ ସଂରକ୍ଷଣ ପାଇଁ ଟ୍ରେଞ୍ଚ ଖୋଳାଯାଇଥିଲା। ଏହାସହ ପଥର ପ୍ୟାକିଂ କାମ ହୋଇଥିଲା। ରାସ୍ତା ତିଆରି ସମୟରେ ଜେସିବି ମାଧ୍ୟମରେ ଉକ୍ତ ଟ୍ରେଞ୍ଚକୁ ପୋତିଦିଆଯିବା ସହ ୱାଲ୍‌କୁ ନଷ୍ଟ କରିଦିଆଯାଇଥିବା ଅଭିଯୋଗ ହୋଇଛି।

### ଦୁର୍ଘଟଣାରେ ମହିଳା ଜେଲ ୱାର୍ଡର ଗୁରୁତର

ରେଢ଼ାଖୋଲ, ୧୫।୩ (ଡି.ଏନ.ଏ.)– ରାଞ୍ଚି–ବିଜୟୱାଡା ଜାତୀୟ ରାଜପଥର ରେଢାଖୋଲ ଥାନା ହାତୀବାହାଲ ଛକରେ ସୋମବାର ଏକ ବୋଲେରୋ ଧକ୍କାରେ ବୀରମହାରାଜପୁର ସବ୍‌ଜେଲରେ କାର୍ଯ୍ୟରତ ମହିଳା ୱାର୍ଡର ସୁଷମା ମଞ୍ଜରୀ ପ୍ରଧାନ (୩୫) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ରେଢାଖୋଲ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଭିମସାରକୁ ପଠାଯାଇଛି। ସୂଚନାମତେ ସୁଷମା ସ୍କୁଟି ଯୋଗେ ବୀରମହାରାଜପୁରରୁ ଆସୁଥିବାବେଳେ ବୋଲେରୋ (ଓଡି୦୨ଏଜି–୬୮୩୯) ଧକ୍କା ଦେଇଥିଲା। ଫଳରେ ତାଙ୍କ ଗୋଡରେ ଗୁରୁତର ଆଘାତ ଲାଗିଛି। ସୁଷମାଙ୍କ ଘର ରେଢାଖୋଲ ବ୍ଲକ ତ୍ରିବେଣପୁର ଗ୍ରାମରେ। ପୋଲିସ ବୋଲେରୋ ଜବତ କରିବା ସହ ଚାଳକ ଦେବଗଡ ଜିଲା ରିଆମାଳ ଥାନା ଖୁଣ୍ଟବନ୍ଧ ଗ୍ରାମର ଅଶୋକ ନାଏକଙ୍କୁ ଗିରଫ କରିଛି।

### କୋଇଲା ଚୋରା କାରବାରରେ ଜଣେ ଗିରଫ

ରେଢାଖୋଲ ୧୫।୩ (ଡି.ଏନ.ଏ.): ରେଢାଖୋଲ ଥାନା ସାଧୁମୁଣ୍ଡା ଗ୍ରାମ ୫୫ ନଂ. ଜାତୀୟ ରାଜପଥ କଡ ଜଙ୍ଗଲରେ ବାଲାଜି ରୋଡ ଲାଇନ୍ସର କେତେକ ଟ୍ରକରୁ କୋଇଲା ଚୋରା କାରବାର ହେଉଥିବାବେଳେ ଶନିବାର ପୋଲିସ ଚଢାଉ କରି ୨ଟନ କୋଇଲା ଜବତ କରିବା ଘଟଣାରେ ପୋଲିସ ଢେଙ୍କାନାଳ ଜିଲା ଚାଇଁପୁର ଗ୍ରାମର ଗୋକୁଳାନନ୍ଦ ସାହୁ (୪୦)ଙ୍କୁ ଗିରଫ କରିଛି। ବାଲାଜି ରୋଡଲାଇନ୍ସ କମ୍ପାନୀର ବରିଷ୍ଠ ଅଧିକାରୀ କାଜିୱାରିସ ହୁସେନଙ୍କ ଅଭିଯୋଗ କ୍ରମେ ଥାନାରେ ଦଫା ୪୧୧, ୪୦୮/୩୪ରେ ମାମଲା (ନଂ. ୫୨/୨୧) ରୁଜୁ ହୋଇଛି।

# ୪ ଗେଟ୍‌ରେ ତାଲା ପକାଇ ଧାରଣା

ସମ୍ବଲପୁର, ୧୫।୩ (ବ୍ୟୁରୋ)

ପ୍ରତିଶ୍ରୁତି ଅନୁଯାୟୀ କମ୍ପାନୀ ସ୍ଥାନୀୟ ଲୋକଙ୍କୁ ଚାକିରି ନ ଦେଇ ରାଜ୍ୟ ବାହାର ଲୋକଙ୍କୁ ନିଯୁକ୍ତି ଦେଉଛି। ଅଞ୍ଚଳର ପାଣି ଓ ରାସ୍ତା ସମସ୍ୟା ସମାଧାନ କରୁନାହିଁ। ସିଏସ୍‌ଆର୍ ଅନୁଦାନ ଅନ୍ୟ ସ୍ଥାନରେ ଖର୍ଚ୍ଚ କରାଯାଉଛି। ଏଭଳି ବିଭିନ୍ନ ସମସ୍ୟା ନେଇ ସୋମବାର ସମ୍ବଲପୁର ଜିଲା ରେଙ୍ଗାଲି ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ କମ୍ପାନୀ ବିରୋଧରେ ଲୋକେ ଏକଜୁଟ ହୋଇଥିଲେ। ବୀରସୁରେନ୍ଦ୍ର ସାଏ ଆଞ୍ଚଳିକ ସୁରକ୍ଷା ସମିତି ଓ ଅଞ୍ଚଳବାସୀ କମ୍ପାନୀ ମୁଖ୍ୟ ଗେଟ୍ ଓ ଅନ୍ୟ ୩ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଥିଲେ। ସକାଳ ୮ଟାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଗେଟ୍ ବନ୍ଦ ରହିବାରୁ କମ୍ପାନୀ ଗାଡି ଓ ମାଲ୍ ପରିବହନ କରୁଥିବା ଗାଡିଗୁଡିକ ପ୍ରଭାବିତ ହୋଇଥିଲା।

ଅପରାହ୍ନ ୪ଟା ପରେ କମ୍ପାନୀ ଅଧିକାରୀ ବିବେକାନନ୍ଦ ମିଶ୍ରା, ଶ୍ୱେତା ଉପାଧ୍ୟାୟ, ରେଙ୍ଗାଲି ତହସିଲଦାର ଟୁନୁ ମେହେର, ଏସ୍‌ଡିପିଓ ତପନ ମହାନ୍ତି ପ୍ରମୁଖ ଆନ୍ଦୋଳନ ସ୍ଥଳରେ ପହଞ୍ଚିଥିଲେ। ସେମାନେ ବିକ୍ଷୋଭକାରୀ ମୋତିଲାଲ ତନ୍ତି, ଦେବେନ ପତି, ଶେଷଦେବ ପ୍ରଧାନ, ପ୍ରଦୀପ ସାହୁ, ଅଭିଷେକ ଗୁରୁ, ମହେନ୍ଦ୍ର ଓରାମ, ଗାନ୍ଧୀ ବେହେରା, ନିରାକାର ଖଣ୍ଡା, ସୁବାସ ବାରିକ, ପୂର୍ଣ୍ଣ ନାଥ, ସରୋଜ ଦାଶ, ନରୋତ୍ତମ ବେହେରା ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ଧାରଣାରେ ବସିଥିବା ସ୍ଥାନୀୟ ଅଞ୍ଚଳର କିରନ ବେହେରା କହିଛନ୍ତି, କମ୍ପାନୀ ଆରମ୍ଭ ସମୟରେ ସ୍ଥାନୀୟ ଲୋକେ ନିଜର ସବୁକିଛି ହରାଇଥିଲେ। ହେଲେ ପ୍ରତିଶ୍ରୁତି ଅନୁସାରେ ନିଯୁକ୍ତି କିମ୍ବା ଅନ୍ୟ କ୍ଷେତ୍ରରେ କମ୍ପାନୀ କାମ କରୁନାହିଁ। ବାରମ୍ବାର ଦାବି, ଆଲୋଚନା ପରେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ତେଣୁ ଜନଅସନ୍ତୋଷର ପ୍ରତିଫଳନ ସୃଷ୍ଟି ହୋଇଛି। ଆଗାମୀ ଦିନରେ ଆନ୍ଦୋଳନ ଜାରି ରହିବ। ସେହିପରି ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ କହନ୍ତି, ବିସ୍ଥାପିତ ହୋଇଥିବା ୧୬ ପଞ୍ଚାୟତରେ ସାମାନ୍ୟ ପାନୀୟ ଜଳ ସମସ୍ୟା ମଧ୍ୟ କମ୍ପାନୀ ଦୂର କରିପାରିଲା ନାହିଁ। ୭୫ ପ୍ରତିଶତ ସିଏସ୍‌ଆର୍ ଅନୁଦାନ ଅଞ୍ଚଳରେ ଖର୍ଚ୍ଚ କରାଯାଉ। ଏହାସହ କମ୍ପାନୀ ପକ୍ଷରୁ ଅସ୍ଥାୟୀ ଭାବେ ଦିଆଯାଉଥିବା ଜଳ ଯୋଗାଣ ବନ୍ଦ କରି ପ୍ରତି ଘରେ ପାଣି ପହଞ୍ଚାଇବା ବ୍ୟବସ୍ଥା କରିବାକୁ ଦାବି କରିଥିଲେ। କମ୍ପାନୀ ଏଚ୍‌ଆର୍ ମୁଖ୍ୟ ବିବେକାନନ୍ଦ ମିଶ୍ରା କହିଛନ୍ତି, କମ୍ପାନୀ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁଯୋଗ ଦିଆଯାଉଛି। ପାନୀୟ ଜଳ ଯୋଗାଇ ଦିଆଯାଉଛି। ଅନ୍ୟାନ୍ୟ ସମସ୍ୟା ଆଲୋଚନା ମାଧ୍ୟମରେ ସମାଧାନ କରାଯିବାକୁ ଚେଷ୍ଟା ଜାରି ରହିଛି।



କମ୍ପାନୀ ଗେଟ୍ ସମ୍ମୁଖରେ ଧାରଣା ଦେଇଥିବା ମହିଳାମାନେ।

**କମ୍ପାନୀ ବିରୋଧରେ ଲୋକେ ଏକଜୁଟ**

■ ତ୍ରିପାକ୍ଷିକ ଆଲୋଚନା, ଆନ୍ଦୋଳନ ସ୍ଥଗିତ

# ପଢ଼ିଆବାହାଲରେ ୧୦୦ ଜଣଙ୍କୁ କୋଭିଡ୍ ଟିକା

ପଡିଆବାହାଲ, ୧୫।୩ (ଡି.ଏନ.ଏ.)

ସମ୍ବଲପୁର ଜିଲା ଯୁଯୁମୁରା ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ପଡିଆବାହାଲ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ସୋମବାର ପ୍ରଥମ ଦିନରେ ୬୦ବର୍ଷରୁ ଉର୍ଦ୍ଧ୍ୱ ଏବଂ ରକ୍ତଚାପ, ମଧୁମେହ ଆଦି ରୋଗାକ୍ରାନ୍ତ ୧୦୦ ଜଣ କୋଭିଡ୍ ଟିକା ନେଇଛନ୍ତି। ଏଠାରେ ପର୍ଯ୍ୟାୟକ୍ରମେ ସବୁବୟସର ଲୋକଙ୍କୁ ଟିକାକରଣ କରାଯିବ ବୋଲି ସ୍ଥାନୀୟ ଡା. ଲୋକନାଥ ପ୍ରଧାନ କହିଛନ୍ତି। ପୂର୍ବତନ ଶିକ୍ଷକ ଜଗତ୍ରାମ ପାଣିଗ୍ରାହୀ, ଓକିଲ ବିରଞ୍ଚି ପ୍ରସାଦ ନାୟକ, ଶିକ୍ଷାବିତ୍ ଚାଷୀନେତା ଅବିନାଶ ଚନ୍ଦ୍ର ଶର୍ମା, ଖବରଦାତା ରାଧାମୋହନ ଷଡଙ୍ଗୀ, ଶିକ୍ଷକ ପ୍ରାଣବନ୍ଧୁ ନାଥ, ବ୍ୟବସାୟୀ ବିଜୟ କୁମାର ନାୟକ, ସୁରୁବାବୁ ନାୟକ, ଦୁଷ୍ମନ୍ତ ମହାପାତ୍ର ପ୍ରମୁଖ ପ୍ରଥମ ଦିନରେ ଟିକା ନେଇଛନ୍ତି। ବୁଧବାର ଓ ସରକାରୀ ଛୁଟିଦିନ ବ୍ୟତୀତ ପ୍ରତ୍ୟେକ ଦିନ ଅନ୍ୟାଦେଶ ପର୍ଯ୍ୟନ୍ତ ଟିକାକରଣ କରାଯିବ ବୋଲି ଜଣାପଡିଛି।

# ବନାଗ୍ନି ସଚେତନତା କାର୍ଯ୍ୟକ୍ରମ

ନାକଟିଦେଉଳ, ୧୫।୩ (ଡ଼ି.ଏନ.ଏ.)

ନାକଟିଦେଉଳ ବନାଞ୍ଚଳ ବାଟଗାଁ ଫରେଷ୍ଟ ସେକ୍ସନର ବିଭିନ୍ନ ଗ୍ରାମରେ ସୋମବାର ଜଙ୍ଗଲ ନିଆଁ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ ବିଭାଗ ପକ୍ଷରୁ ଲୋକଗୀତ ଓ ବାଦ୍ୟ ମାଧ୍ୟମରେ ସଚେତନତା କରାଯାଇଥିଲା। ଜଙ୍ଗଲ ପୋଡ଼ି ଦ୍ୱାରା କିପରି ପରିବେଶ ପ୍ରଦୂଷଣ, ଜଙ୍ଗଲ ନଷ୍ଟ ଓ ବନ୍ୟପ୍ରାଣୀ ପ୍ରାଣ ହରାଉଛନ୍ତି ସେ ସମ୍ପର୍କରେ ଗୀତ ଓ ବାଜା ମାଧ୍ୟମରେ ପ୍ରଚାର କରାଯାଇଥିଲା। ଏଥିସହିତ ଜଙ୍ଗଲରେ କୌଣସି ପରିସ୍ଥିତିରେ ନିଆଁ ନ ଲଗାଇବାକୁ ପରାମର୍ଶ ଦିଆଯାଇଥିଲା। ବାଟଗାଁ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ବାଟଗାଁ, ବେଠିଆବେର୍ଣ୍ଣୀ, କେଲୋବେର୍ଣ୍ଣୀ, ହିତସରା, କୁଞ୍ଜାମୁରା, ଜାମୁଯୋରୀ, ଅଙ୍ଗାବିରା ଆଦି ଗ୍ରାମରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବାଟଗାଁ ଫରେଷ୍ଟର ଅନୀଲ କିସାନ, ଫରେଷ୍ଟ ଗାର୍ଡ଼ ଚିରଞ୍ଜନ ମିରି, ତପସ୍ୱିନୀ ମିର୍ଦ୍ଧାଙ୍କ ସମେତ ଜଙ୍ଗଲ ସୁରକ୍ଷା କମିଟି କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ





ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି।

ଦେବଗଡ଼, ୧୫।୩ (ଡି.ଏନ.ଏ)

ବାରକୋଟ ବ୍ଲକ ଅନ୍ତର୍ଗତ ଦଣ୍ଡାସିଂହା କୃଷି ସମବାୟ ସମିତିରେ ଟାର୍ଗେଟ ଶେଷ ହୋଇଯାଇଥିବାରୁ ପଞ୍ଜିକୃତ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରାଯାଉନାହିଁ। ଅନ୍ୟପକ୍ଷରେ ଧାନ ବିକ୍ରି ପାଇଁ ଚାଷୀମାନଙ୍କୁ ମିଳିଥିବା ଟୋକନଗୁଡିକର ଅବଧି ଶେଷ ହୋଇଯାଉଥିବାରୁ ଧାନ ବିକ୍ରି ନେଇ ସେମାନଙ୍କ ମଧ୍ୟରେ ଘୋର ନୈରାଶ୍ୟ ଭାବ ଦେଖାଦେଇଛି। ଏଣୁ ଏହି ସମସ୍ୟାର ସମାଧାନ ଦାବିରେ ସୋମବାର ଦଣ୍ଡାସିଂହା ଗ୍ରାମ ପଞ୍ଚାୟତର ସରପଞ୍ଚ ଅମିତ ଦେହୁରୀ, ଚାଷୀ ନେତା ତୋଫାନ ପ୍ରଧାନ, ମାଗୁଣୀ ସାହୁ ଓ ଉଦ୍ଧବ ପ୍ରଧାନଙ୍କ ନେତୃତ୍ୱରେ ଉକ୍ତ କୃଷି ସମବାୟ ସମିତି ଅଧିନସ୍ଥ ଶତାଧିକ ଚାଷୀ ଦେବଗଡ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଘେରାଉ କରିଥିଲେ। ଜିଲା ଯୋଗଣ ଅଧିକାରୀଙ୍କୁ ସାକ୍ଷାତ କରି ଧାନ କ୍ରୟ ନିମନ୍ତେ ଉକ୍ତ କୃଷି ସମବାୟ ସମିତିକୁ ଅଧିକ ଟାର୍ଗେଟ ପ୍ରଦାନ କରିବା ସହ ଅବଧି ଶେଷ ହୋଇଯାଇଥିବା ଚାଷୀମାନଙ୍କର ଟୋକନକୁ ପୁନଃ ନବୀକରଣ କରିବା ପାଇଁ ଦାବି କରିଥିଲେ। ଏହି ଅବସରରେ ସେମାନେ ଉକ୍ତ ଦାବିଦ୍ୱୟକୁ ତୁରନ୍ତ ପୂରଣ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ପାଇଁ ହୋହଲ୍ଲା କରିଥିଲେ। ଫଳରେ ଚାଷୀଙ୍କୁ ଶାନ୍ତ କରିବାକୁ ଯାଇ ଯୋଗାଣ ଅଧିକାରୀ ଗଣେଶ୍ୱର ଚୌଧୁରୀ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଉପରୋକ୍ତ ଚାଷୀମାନଙ୍କ ଠାରୁ ଧାନ କିଣାଯିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବାରୁ ଚାଷୀମାନେ ଫେରିଯିବା ସହ ସେମାନଙ୍କର ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଥିଲେ।

## ପ୍ରମୋଦ ରଥ ୫ମ ଥର ପାଇଁ ସଭାପତି

ସମ୍ବଲପୁର, ୧୫।୩ (ବ୍ୟୁରୋ)

ସମ୍ବଲପୁର ଜିଲା ଓକିଲ ସଂଘ ନିର୍ବାଚନ ଫଳ ସୋମବାର ପ୍ରକାଶ ପାଇଛି। ଡ. ପ୍ରମୋଦ ରଥ ୫ମ ଥର ପାଇଁ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଚନ୍ଦ୍ରକାନ୍ତ ମହାନ୍ତି, ସାଧାରଣ ସମ୍ପାଦକ ରବି ରଞ୍ଜନ ପୂଜାରୀ, ଯୁଗ୍ମ ସାଧାରଣ ସମ୍ପାଦକ ଅନୁପ କୁମାର ତରିଆ, ସହ ସମ୍ପାଦକ ଅନୁପ କୁମାର ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ଆତିଫ ଆଲମ, ପ୍ରଶାନ୍ତ କୁମାର କର, ଅରବିନ୍ଦ ନାଏକ, ସତ୍ୟ ନାରାୟଣ ପୁରୋହିତ, ଦେଓ କିରଣ ପଟ୍ଟନାୟକ, ଅଶିଷ କୁମାର ପଣ୍ଡା ପ୍ରମୁଖ ରହିଛନ୍ତି। ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ଦାଶ ନିର୍ବାଚନ ପରିଚାଳନା କରୁଥିଲେ। ସଭାପତି ରଥ କହିଛନ୍ତି, ପୁଣି ଥରେ ଦାୟିତ୍ୱ ଦିଆଯାଇଥିବାରୁ ସମସ୍ତଙ୍କ ସହ ଆଲୋଚନା କରି କାମ କରିବି।

## 'ବିଧାୟକଙ୍କ ଆତ୍ମହତ୍ୟା ଉଦ୍ୟମ ଚାଷୀ ସମସ୍ୟାର ସମାଧାନ ନୁହେଁ'

ଦେବଗଡ଼, ୧୫।୩ (ଡି.ଏନ.ଏ)

ବିଧାୟକଙ୍କ ଆତ୍ମହତ୍ୟା ଉଦ୍ୟମ ଚାଷୀ ସମସ୍ୟାର ସମାଧାନ ନୁହେଁ। ଜିଲାବାସୀ ଲଢେଇ କରିବାକୁ ତାଙ୍କୁ ବିପୁଳ ଭୋଟଦେଇ ବିଧାନସଭାକୁ ପଠାଇଛନ୍ତି, ଆତ୍ମହତ୍ୟା ପାଇଁ ନୁହେଁ। ଏଣୁ ବିଧାୟକ ଜନସାଧାରଣଙ୍କ ସମସ୍ୟାର ସମାଧାନ ନିମନ୍ତେ ସଂଗ୍ରାମ କରିବା ଉଚିତ ବୋଲି ସୋମବାର ସ୍ଥାନୀୟ ପ୍ରାଉଟିଷ୍ଟ କୃଷକ ସଂଘ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ପ୍ରାଉଟିଷ୍ଟ କୃଷକ ସଂଘର ସଭାପତି ଡୋଳାକର ଭୋଇ ଏକଥା କହିବା ସହ ବିଧାୟକଙ୍କ ଆତ୍ମହତ୍ୟା ଉଦ୍ୟମକୁ ଦୃଢ ନିନ୍ଦା କରିଛନ୍ତି। ଏହି ଅବସରରେ ଭୋଇ ବିଧାୟକ ପାଣିଗ୍ରାହୀଙ୍କ ଆତ୍ମହତ୍ୟା ଉଦ୍ୟମକୁ ନିରାଶାବାଦୀ ବୋଲି ଅଭିହିତ କରିବା ସହ ତାଙ୍କର ନେତୃତ୍ୱ କ୍ଷମତା ପ୍ରତି ପ୍ରଶ୍ନ ଉଠାଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ କିଶୋର ସାହୁ, ଭୋଲେଶ୍ୱର ସାହୁ ଓ ପ୍ରସନ୍ନ କିଷାନ ପ୍ରମୁଖ ମଞ୍ଚାସୀନ ରହି ଚାଷୀଙ୍କର ମୌଳିକ ଆବଶ୍ୟକତା ପୂରଣ କରିବା, ଜିଲାରେ ନିଯୁକ୍ତି ଏବଂ ସ୍ଥାନୀୟ ସମ୍ବଳ ଆଧାରରେ ସମବାୟ ଭିତ୍ତିକ ଯୁଦ୍ର ଓ ମଧ୍ୟମ ଉଦ୍ୟୋଗ ସ୍ଥାପନ ସହ ଯୁବ ଗୋଷ୍ଠୀଙ୍କୁ କର୍ମସଂସ୍ଥାନ ଯୋଗାଇବା ପାଇଁ ବିଧାୟକ ପାଣିଗ୍ରାହୀକୁ ପରାମର୍ଶ ଦେଇଥିଲେ।

# କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ ଚେତାବନୀ



କ୍ଷତିଗ୍ରସ୍ତ ଗ୍ରାମବାସୀ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି।

ଝାରସୁଗୁଡ଼ା ଅଫିସ, ୧୫।୩

ଝାରସୁଗୁଡା ବେଦାନ୍ତ ପ୍ରକଳ୍ପ ପାଉଁଶ ପୋଖରୀ ଦ୍ୱାରା କ୍ଷତିଗ୍ରସ୍ତ କାତିକେଲା ଗ୍ରାମବାସୀଙ୍କୁ ଅନ୍ୟତ୍ର ବିସ୍ଥାପିତ କରିବା ପାଇଁ କମ୍ପାନୀ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ତାହା ରକ୍ଷା କରୁନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଭଳିସ୍ଥିତିରେ ସୋମବାର ସେମାନେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ପହଞ୍ଚି ଜିଲାପାଳ ସରୋଜ କୁମାର ସାମଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ଏସ୍‌ପି, ସ୍ଥାନୀୟ ପୋଲିସ ଓ ବେଦାନ୍ତ ସିଇଓଙ୍କୁ ପ୍ରଦାନ କରାଯାଇଛି। ୨ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ଆସନ୍ତା ୨୮ତାରିଖରୁ ଗ୍ରାମବାସୀ କମ୍ପାନୀ ଫାଟକ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ବିଭିନ୍ନ ଦାବିନେଇ ଆଶାକର୍ମୀଙ୍କ ବିକ୍ଷୋଭ



ସମ୍ବଲପୁରରେ ପଶ୍ଚିମ ଓଡିଶା ଆଶାକର୍ମୀଙ୍କ ବିକ୍ଷୋଭ।

ସମ୍ବଲପୁର, ୧୫।୩ (ବ୍ୟୁରୋ)

ପଶ୍ଚିମ ଓଡିଶା ଆଶାକର୍ମୀ ସଂଘ ପକ୍ଷରୁ ସୋମବାର ଆର୍‌ଡିସି ଓ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବରୁ ନାରୀସେବା ସଦନଠାରୁ ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସରକାରୀ ମାନ୍ୟତା, ମାସିକ ୧୮ ହଜାର ଦରମା, ୩ ହଜାର ପେନ୍‌ସନ୍, ଅବସର ସମୟରେ ୨ଲକ୍ଷ ସହାୟତା, ସ୍ୱାସ୍ଥ୍ୟ ବିଭାଗ ଓ ପଞ୍ଚାୟତର ବିଭିନ୍ନ ପଦ ପଦବୀରେ ନିଯୁକ୍ତି, ବୁର୍ଲା ଭିମସାରରେ ଏକ ଆଶା ଗୃହ ନିର୍ମାଣ, କାର୍ଯ୍ୟରତ ଆଶାକର୍ମୀଙ୍କୁ ମୃତ୍ୟୁକାଳୀନ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ ଆଦି ଦାବି ରଖିଥିଲେ। ଆଶା କର୍ମୀମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ହେଲେ ସରକାର ସେମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ସଂଘ ଆବାହକ ପ୍ରଶାନ୍ତ ପାଢୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀ ମହାରଣା, ମମତା ଖଣ୍ଡାୟତ, ଯଜ୍ଞୋସିନୀ ପ୍ରଧାନ, ସନ୍ଧ୍ୟାରାଣୀ ସେଠୀ, ମୁକ୍ତା ପ୍ରଧାନ, ସଞ୍ଜିତା ସିଂ, ପ୍ରଭାତୀ ନାୟକ, ସୌଦାମିନୀ ବେହେରାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ବ୍ୟାଙ୍କ ଧର୍ମଘଟ ଆରମ୍ଭ

ସମ୍ବଲପୁର, ୧୫।୩ (ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଘରୋଇକରଣ ଓ କର୍ମଚାରୀ ମାରଣ ନୀତି ବିରୋଧରେ ସୋମବାର ୨ ଦିନିଆ ବ୍ୟାଙ୍କ ଧର୍ମଘଟ ଆରମ୍ଭ ହୋଇଛି। ୯ଟି ସଂଘ (ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିୟନ) ଡାକରାରେ ସମ୍ବଲପୁର ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ସାମିଲ ହୋଇଛନ୍ତି। ଦେଶର ଅର୍ଥନୀତି ପ୍ରଗତିରେ ବ୍ୟାଙ୍କ ଓ ବୀମା ସଂସ୍ଥାଗୁଡିକର ଭୂମିକା ରହିଛି। ହେଲେ ଏବେ କେନ୍ଦ୍ର ସରକାର ବ୍ୟାଙ୍କ ଘରୋଇକରଣ କରିଦେଉଛନ୍ତି। ଫଳରେ କର୍ମଚାରୀ ହ୍ରାସ ପାଇବା ସହ ସାଧାରଣ ଜନତା ଠକାମିର ଶିକାର ହେବେ। ଶିଳ୍ପ ଓ ବଡ ବ୍ୟବସାୟୀମାନେ ଲାଭବାନ ହେବେ। ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଯୋଜନାରେ ନିଯୁକ୍ତିର ସ୍ଥାୟିତ୍ୱ ରହିବ ନାହିଁ। ଲମ୍ବୋଦର ମିଶ୍ର, ସୌଭାଗ୍ୟ କୁମାର ପଣ୍ଡା, ଭୋଳାନାଥ ମେହେର ପ୍ରମୁଖ ସାମିଲ ଥିଲେ।

# ଜବରଦଖଲ ଉଚ୍ଛେଦ ଦାବି

ଝାରସୁଗୁଡ଼ା ଅଫିସ୍, ୧୫।୩

ଝାରସୁଗୁଡା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ବଲଙ୍ଗିବାହାଲ ଗ୍ରାମରେ ସୁନ୍ଦରଗଡ ଜିଲା ହେମଗିର ମଝାପଡା ଗ୍ରାମର ଜଣେ ବ୍ୟକ୍ତି ଆସି ଗ୍ରାମର ଗୋଚର ଜମିକୁ ଜବରଦଖଲ କରିଛନ୍ତି। ଏହି ଜମିରେ ସେ ଘର ନିର୍ମାଣ କରିଥିବାରୁ ଗ୍ରାମବାସୀଙ୍କ ଚଳପ୍ରଚଳରେ ସମସ୍ୟା ସୃଷ୍ଟି ହେଉଛି। ସେଠାରୁ ତାଙ୍କୁ ଉଚ୍ଛେଦ ଦାବିରେ ଗ୍ରାମର ଏସ୍‌ଏଚ୍‌ଜି ଗ୍ରୁପ ସଦସ୍ୟା ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଫେରାଦ ହୋଇଛନ୍ତି। ଏ ସମ୍ପର୍କରେ ସେମାନେ ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବ୍ଲକ ସମ୍ମୁଖରେ ଭାଜପାର ବିକ୍ଷୋଭ

ଦେବଗଡ଼, ୧୫।୩ (ଡି.ଏନ.ଏ)

ଆବଶ୍ୟକ ପରିମାଣର ଟାର୍ଗେଟ ଅଭାବରୁ ଦେବଗଡ ଜିଲାରେ ଚାଷୀମାନେ ଧାନବିକ୍ରି ନେଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର କୌଣସି ଠୋସ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏହାର ପ୍ରତିବାଦରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ବିଧାନସଭା ମଧ୍ୟରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

ଏହି ଘଟଣା ପରେ ଦେବଗଡ ଜିଲା ଭାଜପା ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେବା ସହ ଦଳୀୟ ନେତା ଓ କର୍ମୀମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରୁଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ ସୋମବାର ପୂର୍ବାହ୍ନରେ ବିଧାୟକ ପାଣିଗ୍ରାହୀଙ୍କ ପ୍ରତିନିଧି ଅକାଳୁ ଧଳଙ୍କ ନେତୃତ୍ୱରେ ଦଳର ବହୁ ନେତା ଓ କର୍ମୀ ତିଲେଇବଣି ବ୍ଲକ ମୁଖ୍ୟାଳୟରେ ପହଞ୍ଚି ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଯୋଗାଣ, ଖାଉଟୀ କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ମଣ୍ଡଳ ସଭାପତି କିଶୋର ବେହେରା, କମଳଲୋଚନ ସାହୁ, ଯଯାତି କିଶୋର ବିଶ୍ୱାଳ, ଶ୍ୱେତ କୁମାର ପ୍ରଧାନ, ଅକ୍ଷୟ କୁମାର ସାହୁ, ଟିକୁ ସାହୁ, ମାଗୁଣୀ ସାହୁ ଓ ପିଙ୍କୁ ନାୟକଙ୍କ ସମେତ ଦଳର ବହୁ କର୍ମୀ ଉପସ୍ଥିତ ଥିଲେ।

# ବାଲିବନ୍ଧା-ବଡ଼ବଜାର ରାସ୍ତା ଅବରୋଧ

ସମ୍ବଲପୁର, ୧୫।୩ (ବ୍ୟୁରୋ)

ସମ୍ବଲପୁର ସମଲେଇ ମନ୍ଦିର ପରିସରରେ ଥିବା ପ୍ରାୟ ୮ ପୂଜା ସାମଗ୍ରୀ ଦୋକାନୀଙ୍କ ଅସନ୍ତୋଷ ସୋମବାର ଉଗ୍ରରୂପ ନେଇଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ ସେମାନେ ବାଲିବନ୍ଧା–ବଡବଜାର ରାସ୍ତା ଅବରୋଧ କରିବା ସହ ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଘଟଣାସ୍ଥଳରେ ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ, କ୍ଷେତରାଜପୁର ଥାନା ଅଧିକାରିଣୀ ମମତା ନାଏକ, ମନ୍ଦିର ଟ୍ରଷ୍ଟ ସଭାପତି ବାବୁ ପହଞ୍ଚି ଆଲୋଚନା କରିଥିଲେ। ଦୋକାନ ଖୋଲିବା ନିଷ୍ପତ୍ତି ହେବା ପରେ ରାସ୍ତା ଅବରୋଧ ହଟିଥିଲା। ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, କଂଗ୍ରେସ ଜିଲା ସଭାପତି ଅଶ୍ୱିନୀ ଗୁରୁ, ପବିତ୍ର ଦେଓ ପ୍ରମୁଖ ସାମିଲ ଥିଲେ। ଅଭିଯୋଗ କ୍ରମେ କୋଭିଡ୍ କଟକଣା ଯୋଗୁ ମନ୍ଦିର ମୁଖ୍ୟ ଗେଟ ବନ୍ଦ କରାଯାଇଥିଲା। ମନ୍ଦିର ପରିସରରେ ଥିବା ଦୋକାନ ସମ୍ମୁଖରେ ବ୍ୟାରିକେଡ୍ କରାଯାଇ ଦୋକାନ ଖୋଲିବା ଉପରେ କଟକଣା ରହିଥିଲା। ତେଣୁ ମନ୍ଦିର ଖୋଲିବା ନେଇ ଦୋକାନୀମାନେ ପ୍ରଶାସନ ପାଖରେ ଦାବି କରିଆସୁଥିଲେ। ଜିଲାପାଳ ଶୁଭମ୍ ସକ୍‌ସେନା ଏ ନେଇ ଟ୍ରଷ୍ଟ ସହ ଆଲୋଚନା କରି ନିଷ୍ପତ୍ତି ନେବାକୁ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ଟ୍ରଷ୍ଟ ସଭାପତି ବାବୁ କହିଛନ୍ତିଯ,ଏବେ କୋଭିଡ୍ କଟକଣା କଡାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହା ସତ୍ତ୍ୱେ ରବିବାର ବୈଠକ କରାଯାଇ ଦୋକାନ ଖୋଲିବା ଉପରେ ନିଷ୍ପତ୍ତି ହୋଇଥିଲା। ପୂଜକ ଓ ଦୋକାନୀମାନଙ୍କୁ ଯେଭଳି ଠିକ୍ ହେବ ସେ ନେଇ ନିଷ୍ପତ୍ତି ନିଆଯାଉଛି।



ସମଲେଇ ମନ୍ଦିର ସମ୍ମୁଖ ରାସ୍ତା ଅବରୋଧ କରାଯାଇଛି।

**ଟ୍ରଷ୍ଟ ସଭାପତିଙ୍କ କୁଶ ପୁତ୍ତଳିକା ଦାହ**

